# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24th May – 2025**

**News Editor : Tapan Kumar Moharana**

*************************************

## ମୁଖ୍ୟ ସମ୍ବାଦ

- ପ୍ରତ୍ୟେକ ରାଜ୍ୟ ବିକଶିତ ହେଲେ ଭାରତ ବିକଶିତ ହୋଇପାରିବ ବୋଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ କହିଲେ ପ୍ରଧାନମନ୍ତ୍ରୀ

— ୨୦୩୬ ମସିହା ସୁଦ୍ଧା ଓଡ଼ିଶାର ଅର୍ଥନୀତି ୫୦୦ ବିଲିୟନ୍ ଆମେରିକୀୟ ଡଲାର ହେବା ନେଇ ଆଶା ବ୍ୟକ୍ତ କଲେ  ମୁଖ୍ୟମନ୍ତ୍ରୀ

- 'ମନ୍ କୀ ବାତ୍'ରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

ଏବଂ

- କେରଳ ଉପକୂଳ ସ୍ପର୍ଶ କଲା ଦକ୍ଷିଣପଶ୍ଚିମ ମୌସୁମୀବାୟୁ; ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା  ହୋଇଥିବା ସୂଚନା

# ନୀତି ଆୟୋଗ

ପ୍ରତ୍ୟେକ ରାଜ୍ୟ ବିକଶିତ ହେଲେ ଭାରତ ବିକଶିତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ନୀତି ଆୟୋଗ ପରିଚାଳନା ପରିଷଦର ଦଶମ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଏକତ୍ର ହୋଇ ଟିମ୍ ଇଣ୍ଡିଆ ଭାବେ କାର୍ଯ୍ୟ କଲେ ସମସ୍ତ ଲକ୍ଷ୍ୟ ସାଧିତ ହୋଇପାରିବ। ବିକଶିତ ଭାରତ ୧୪୦ କୋଟି ନାଗରିକଙ୍କ ଆଶା ଓ ଆକାଂକ୍ଷା ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଶ୍ରୀ ମୋଦୀ ଏକ ରାଜ୍ୟ; ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଭାରତ ଦ୍ରୁତ ସହରୀକରଣ ଦିଗରେ ଅଗ୍ରସର ହେଉଛି । କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କୁ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ଓଡ଼ିଶାର ଅର୍ଥନୀତି ୫୦୦ ବିଲିୟନ୍ ଆମେରିକୀୟ ଡଲାର ହେବ। ଦେଶର ବିକାଶ ଯାତ୍ରାରେ ଓଡ଼ିଶା ଆସନ୍ତା ୨୫ ବର୍ଷ ଧରି ଗ୍ରୋଥ ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ।

ରେଳ ପ୍ରକଳ୍ପ ବାବଦରେ ଓଡ଼ିଶାକୁ ୭୩ ହଜାର କୋଟି ଟଙ୍କା ଏବଂ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୪ ହଜାର ୬୦୦ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ପ୍ରକଳ୍ପ

ପାଇଁ ୧୭ ହଜାର ୫୦୦କୋଟି ଟଙ୍କା ପ୍ରଦାନ କରାଯାଇଥିବାରୁ ଶ୍ରୀ ମାଝୀ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।  ଓଡ଼ିଶାର ପକ୍ଷ ରଖିବାକୁ ମଂଚ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୀତି ଆୟୋଗକୁ ଧନ୍ୟବାଦ ଦେଇଛନ୍ତି। ଚଳିତ ବର୍ଷର ବାର୍ତ୍ତା "ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ ୨୦୪୭" ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା ହୋଇଥିଲା ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୨ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ଧର୍ମେନ୍ଦ୍ର ପ୍ରଧାନ

ରାଜ୍ୟରେ କେନ୍ଦୁପତ୍ର ଫଡିରେ ମହିଳାଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବୁର୍ଲାସ୍ଥିତ **ସମ୍ବଲପୁର** ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଆଜି ଅନୁଷ୍ଠିତ କେନ୍ଦୁପତ୍ର ଶ୍ରମିକଙ୍କ

ସଶକ୍ତୀକରଣ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ କେରି ପିଛା ୨ ଟଙ୍କା ବୃଦ୍ଧି କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ କେନ୍ଦୁପତ୍ର କର୍ମଚାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ରିଂ ରୋଡ୍

ରାଜଧାନୀ ଭୁବନେଶ୍ୱରକୁ ଭିଡମୁକ୍ତ କରିବା ଲକ୍ଷ୍ୟରେ ଆସନ୍ତା ଏକ ମାସ ମଧ୍ୟରେ ଜମି ଅଧିଗ୍ରହଣ କରାଯାଇ ରିଂ ରୋଡ୍ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆସନ୍ତାମାସ ୧୨ ତାରିଖରେ ଏକାଧିକ ରାସ୍ତା ଏବଂ ପ୍ରକଳ୍ପର ଶିଳାନ୍ୟାସ କରାଯିବ। ପରେ ଡିସେମ୍ବର ମାସ ସୁଦ୍ଧା ବାମ ଓ ଡାହାଣ ସମାନ୍ତରାଳ ଭାବେ ରାସ୍ତା କାମ ଶେଷ ହେବ। ଆଗାମୀ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

## ରାଜସ୍ୱ ସମ୍ମିଳନୀ

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ଆସନ୍ତା ମାସ ୪ ତାରିଖରେ ୨ଦିନିଆ ରାଜସ୍ୱ ବିଭାଗର ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ରାଜସ୍ୱ ସେବା ପ୍ରଦାନରେ ସଫଳତା ହାସଲ କରିଥିବା ଜିଲ୍ଲା ଓ ତହସିଲକୁ ଏହି ସମ୍ମିଳନୀରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ୩୧୭ ଜଣ ତହସିଲଦାର ଓ ୫୮ ଜଣ ଉପଜିଲ୍ଲାପାଳ ଯୋଗଦେବେ ବୋଲି ଜଣାପଡିଛି।

## କରୋନା ବୈଠକ

ଦେଶର ବିଭିନ୍ନ ସ୍ଥାନରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖ ବୁଧବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ କୋଭିଡ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ସମସ୍ତ ରାଜ୍ୟ ସହ କରୋନା ସଂକ୍ରମଣର ସ୍ଥିତି ଓ ମୁକାବିଲା ସମ୍ପର୍କରେ ଆଲୋଚନା କରିବେ।

## ସ୍କିଜୋଫ୍ରେନିଆ ଦିବସ

ମାନସିକ ରୋଗୀଙ୍କ ନିମନ୍ତେ ସାମାଜିକ, ସ୍ନେହ, କରୁଣା ଜାଗ୍ରତ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍କିଜୋଫ୍ରେନିଆ ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ମଇ ୨୪ ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି, 'ଧାରଣାର ପୁର୍ନବିଚାର କରନ୍ତୁ, କାହାଣୀକୁ ବଦଳାଇ ଦିଅନ୍ତୁ ।' ସ୍କିଜୋଫ୍ରେନିଆ ହେଉଛି ଏକ ମାନସିକ ସମସ୍ୟା। ଏହା ମଣିଷର ଭାବନା, ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷ ଭାବେ ପ୍ରଭାବିତ କରିଥାଏ।

## ଯୁକ୍ତଦୁଇ ନାମଲେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ନାମଲେଖା ପାଇଁ ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଛାତ୍ରଛାତ୍ରୀ **www.samsodisha.gov.in** ପୋର୍ଟାଲରେ ଆବେଦନ କରିପାରିବେ । ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଓ ସଂସ୍କୃତରେ

ନାମଲେଖା ପାଇଁ ଆଜି ଅପରାହ୍ନ ୨ଟାରୁ ଆବେଦନ ଆରମ୍ଭ ହୋଇଥିବାବେଳେ  ନାମଲେଖା ପ୍ରକ୍ରିୟା ଆସନ୍ତା ମାସ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ।

ଜୁଲାଇ ମାସ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଜୁଲାଇ ୮ରୁ ୧୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ରିପୋର୍ଟିଂ ସହ ନାମ ଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ଜୁଲାଇ ମାସ ୩୦ ତାରିଖରେ ସ୍ପଟ୍ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ଅଗଷ୍ଟ ମାସ ୭ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ନାମଲେଖା ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ ସହାୟତା ନମ୍ବର ୧୫୫୩୩୫ ବା ୧୮୦୦୩୪୫୬୭୭୦ ମଧ୍ୟ ଜାରି କରାଯାଇଛି। ସୂଚନାଯୋଗ୍ୟ, ଜୁଲାଇମାସ ୨୪ ତାରିଖରୁ ନୂତନ ଭାବେ ନାଲ ଲେଖାଇଥିବା +୨ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହେବ।

## ଦେବସ୍ନାନ ପୂର୍ଣ୍ଣିମା

ଚଳିତବର୍ଷ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ଓ ଅଲାରନାଥଙ୍କ ଦର୍ଶନକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ଆଜି ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ  ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ନାନଯାତ୍ରା, ଅଲାରନାଥ ଦର୍ଶନ ଓ ରଥଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଜିଲ୍ଲାପାଳ  ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ଚଳିତବର୍ଷର ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୧୧ ତାରିଖରେ ଅନୁଷ୍ଠିତ ହେବ। ତା ପରଦିନଠାରୁ ବ୍ରହ୍ମଗିରି ଅଲାରନାଥ ପୀଠରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହେବ।

## ଖଣି ଦୁର୍ନୀତି

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଷ୍ଟେସନ୍‌ରୋଡ୍‌ସ୍ଥିତ ସର୍କିଟ୍‌ହାଉସ୍‌ରେ ସୁନ୍ଦରଗଡ଼ ଖଣି ଦୁର୍ନୀତିକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖଣି, ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବୈଠକରେ ଯୋଗଦେଇ ଜିଲ୍ଲାରେ ହୋଇଥିବା ଖଣି ଦୁର୍ନୀତିର ଆୟକର ତଦନ୍ତ ହେବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ଖଣି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଘଟଣାକୁ ଗୁରୁତ୍ୱର ସହ ନେବା ପାଇଁ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ସମ୍ମିଳନୀରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ଓ ଗଞ୍ଜାମ ଜିଲ୍ଲା ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଅପରେସନ୍ ସିନ୍ଦୂର

**ନୟାଗଡ଼ ଜିଲ୍ଲା** ଖଣ୍ଡପଡ଼ା ବ୍ଲକ୍‌ରେ ଅପରେସନ୍ ସିନ୍ଦୂରର ସଫଳତାକୁ ନେଇ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନପୀଠରୁ ଶୋଭାଯାତ୍ରା ଆରମ୍ଭ ହୋଇ ମଧୁବନ ମିନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ଏଥିରେ ସବୁ ବର୍ଗର ଲୋକେ ସାମିଲ ହୋଇ ବନ୍ଦେ ମାତରଂ ଓ ଭାରତମାତା କୀ ଜୟ ସ୍ଲୋଗାନ୍ ଦେଇଥିଲା।

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍‌ରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିହିଡି ମହାବିଦ୍ୟାଳୟ ଛକରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

## ରଥକାଠ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧ ବନଖଣ୍ଡରୁ ରଥ ନିର୍ମାଣ ପାଇଁ ପୁରୀକୁ ୩୨ ଖଣ୍ଡ ରଥକାଠ ପଠାଯାଇଛି । ମାଧପୁର ରେଞ୍ଜ୍‌ରୁ ୨୨ ଖଣ୍ଡ ଅସନ କାଠ ଓ ଲକ୍ଷ୍ମୀପ୍ରସାଦରୁ ୧୦ ଖଣ୍ଡ ଧଉରା କାଠ ଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଅଞ୍ଜଳି ମଛଖଣ୍ଡ

**ନୟାଗଡ଼** ସହରର ତ୍ରିନାଥ ଛକଠାରେ ଅବସ୍ଥାପିତ ଆଶ୍ରୟସ୍ଥଳିକୁ ଆଇନ୍‌ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ପରିଦର୍ଶନ କରିଛନ୍ତି । ଅନ୍ତେବାସୀଙ୍କ ଭଲମନ୍ଦ ପଚାରି ବୁଝିବା ସହ ଆଶ୍ରୟସ୍ଥଳି ପରିସରକୁ ସ୍ୱଚ୍ଛ ରଖିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ ।

## ପାଣିପାଗ

ଦକ୍ଷିଣପଶ୍ଚିମ ମୌସୁମୀବାୟୁ ଆଜି ପୂର୍ବାହ୍ଣରେ କେରଳ ଉପକୂଳ ସ୍ପର୍ଶ କରିଛି । ସ୍ୱାଭାବିକ ସମୟର ଆଠଦିନ ପୂର୍ବରୁ ମୌସୁମୀବାୟୁ କେରଳରେ ପ୍ରବେଶ କରିଛି । ଗତ ୧୬ ବର୍ଷ ମଧ୍ୟରେ ଚଳିତବର୍ଷ ମୌସୁମୀ କେରଳରେ ଶୀଘ୍ର ପ୍ରବେଶ କରିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସାଧାରଣତଃ ଜୁନ୍ ପ୍ରଥମ ସପ୍ତାହରେ ମୌସୁମୀବାୟୁ କେରଳରେ ପ୍ରବେଶ କରିଥାଏ । ଓଡ଼ିଶାରେ ପ୍ରାକ୍ ମୌସୁମୀ ପାଣିପାଗ ସକ୍ରିୟ ରହିଥିବାରୁ ଚଳିତବର୍ଷ ଠିକ୍ ସମୟରେ ମୌସୁମୀ ଆସିପାରେ ବୋଲି ଅନୁମାନ କରାଯାଉଛି । ଏହାର ପ୍ରଭାବରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି ।

**କୋରାପୁଟ** ଜିଲ୍ଲା ଲମତାପୁଟ ଅଂଚଳରେ ଲଘୁଚାପ ଜନିତ ପ୍ରବଳ ବର୍ଷାରେ ଜନଜୀବନ ବ୍ୟାହତ ହୋଇଛି । ବିଭିନ୍ନ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପ୍ରସ୍ତୁତି ବୈଠକ

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ବିଭିନ୍ନ ଯୋଜନା ଓ ଏହାକୁ ନେଇ ଜନସଚେତନତା ସୃଷ୍ଟି ପାଇଁ ଆସନ୍ତା ଜୁନ୍ ମାସ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ପ୍ରଧାନପାଟ ବଡ଼ ବଗିଚାଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସୂଚନା ଦେଇଛନ୍ତି ।